# REGIONAL NEWS UNIT, AIR CUTTACK

## Mid-day Bulletin (2.32PM)

**21 July - 2024**

**News Editor : Itishree Singh Rathaur**

**************************************

## ମୁଖ୍ୟ ସମ୍ବାଦ

- ସପ୍ତଦଶ ବିଧାନସଭାର ବଜେଟ୍ ଅଧିବେଶନ ଆସନ୍ତାକାଲିଠାରୁ ଆରମ୍ଭ
- ସୁରୁଖୁରୁରେ ଗୃହକାର୍ଯ୍ୟ ସମ୍ପାଦନ ଲକ୍ଷ୍ୟରେ ଆଜି ଅନୁଷ୍ଠିତ ହେଲା ସର୍ବଦଳୀୟ ବୈଠକ
- ବିଜୁ ପଟ୍ଟନାୟକ କ୍ରୀଡା ପୁରସ୍କାର ପୂର୍ବଭଳି ରହିବ ବଳବତ୍ତର; କହିଲେ, ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ
- ସମ୍ପୂର୍ଣ୍ଣ ରାଷ୍ଟ୍ରୀୟ ମର୍ଯ୍ୟାଦା ସହ ପଦ୍ମଶ୍ରୀ କମଳା ପୂଜାରୀଙ୍କ ଶେଷକୃତ୍ୟ ସମ୍ପନ୍ନ

ଏବଂ

- ଜୀବନରେ ମାର୍ଗଦର୍ଶନ କରୁଥିବା ଗୁରୁଙ୍କ ଅଧ୍ୟବସାୟକୁ ସମ୍ମାନ ଜଣାଇ ଆଜି ପାଳିତ ହେଉଛି ଗୁରୁପୂର୍ଣ୍ଣିମା

# ବଜେଟ୍ ଅଧିବେଶନ

ସପ୍ତଦଶ ବିଧାନସଭାର ବଜେଟ୍ ଅଧିବେଶନ ଆସନ୍ତାକାଲିଠାରୁ ଆରମ୍ଭ ହେବ। ରାଜ୍ୟରେ ବିଜେପି ସରକାର କ୍ଷମତାକୁ ଆସିବା ପରେ ଏହା ପ୍ରଥମ ଅଧିବେଶନ ହେବ। ଅଧିବେଶନର ପ୍ରଥମ ଦିନରେ ଅର୍ଥାତ୍ ଆସନ୍ତାକାଲି ରାଜ୍ୟପାଳ ରଘୁବର ଦାସ ଅଭିଭାଷଣ ପ୍ରଦାନ କରିବେ। ଜୁଲାଇ ମାସ ୨୪ ତାରିଖରେ ଉପବାଚସ୍ପତି ନିର୍ବାଚନ ଏବଂ ୨୫ ତାରିଖରେ ପୂର୍ଣ୍ଣାଙ୍ଗ ବଜେଟ ଉପସ୍ଥାପନ କରାଯିବ। ଅର୍ଥ ବିଭାଗ ଦାୟିତ୍ୱରେ ଥିବା ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ବଜେଟ ଉପସ୍ଥାପନ କରିବେ। ବଜେଟ୍ ଅଧିବେଶନକୁ ସୁରୁଖୁରୁରେ ଚଳାଇବା ଲାଗି ଆଜି ବାଚସ୍ପତି ସୁରମା ପାଢ଼ୀଙ୍କ ଅଧ୍ୟକ୍ଷତାରେ ସର୍ବଦଳୀୟ ବୈଠକ ଅନୁଷ୍ଠିତ ହୋଇଯାଇଛି। ଏଥିରେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ, ଦୁଇ ଉପମୁଖ୍ୟମନ୍ତ୍ରୀ, ବିରୋଧି ଦଳ ମୁଖ୍ୟ ସଚେତକ ପ୍ରମୀଳା ମଲ୍ଲିକ୍ ଏବଂ ଶାସକ ଦଳର ମନ୍ତ୍ରୀ ଓ ବିଧାୟକମାନେ ଉପସ୍ଥିତ ଥିଲେ। ତେବେ ଏହି ବୈଠକରେ କଂଗ୍ରେସର କୌଣସି ସଦସ୍ୟ ଯୋଗ ଦେଇନଥିଲେ। ବୈଠକ ପରେ ସଂସଦୀୟ ବ୍ୟାପାର ମନ୍ତ୍ରୀ ମୁକେଶ ମହାଲିଙ୍ଗ କହିଛନ୍ତି, ସର୍ବଦଳୀୟ ବୈଠକରେ ଅଧିବେଶନ କାଳରେ ଗୃହ କାର୍ଯ୍ୟ କିଭଳି ଶାନ୍ତିପୂର୍ଣ୍ଣ ଢଙ୍ଗରେ ଚାଲିପାରିବ ଏବଂ ରାଜ୍ୟର ସମସ୍ୟା ଉପରେ ଆଲୋଚନା ହୋଇପାରିବ ସେ ନେଇ ବାଚସ୍ପତି ବିରୋଧୀ ଦଳଗୁଡ଼ିକର ସହଯୋଗ ଲୋଡିଥିଲେ।

ସର୍ବଦଳୀୟ ବୈଠକ ପୂର୍ବରୁ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଓ ଦୁଇ ଉପମୁଖ୍ୟମନ୍ତ୍ରୀ ନବୀନ ନିବାସରେ ବିରୋଧୀ ଦଳ ନେତା ନବୀନ ପଟ୍ଟନାୟକଙ୍କୁ ସାକ୍ଷାତ କରିଛନ୍ତି । ଏ ନେଇ ସଂସଦୀୟ ବ୍ୟାପର ମନ୍ତ୍ରୀ ମୁକେଶ ମହାଲିଙ୍ଗ କହିଛନ୍ତି, ସରକାର ରାଜ୍ୟର ବୃହତର ସ୍ୱାର୍ଥ ଦୃଷ୍ଟିରୁ ମୁଖ୍ୟ ବିରୋଧୀ ଦଳଠାରୁ ଗଠନମୂଳକ ସହଯୋଗ କାମନା କରିଛନ୍ତି। ଅନ୍ୟପକ୍ଷରେ, ସଂସଦୀୟ ବ୍ୟାପାର ମନ୍ତ୍ରୀ କଂଗ୍ରେସ ଦଳର ସଭାପତି ଶରତ ପଟ୍ଟନାୟକଙ୍କ ସହ ଟେଲିଫୋନ ଯୋଗେ ବିକଶିତ ଓଡ଼ିଶା ଗଠନ ରେ ସକ୍ରିୟ ସହଯୋଗ ନିମନ୍ତେ ଆଲୋଚନା କରିଥିବା ଜଣାପଡିଛି।

## ଅଭିଯୋଗ ଶୁଣାଣି

ମୁଖ୍ୟମନ୍ତ୍ରୀଙ୍କ ଅଭିଯୋଗ ଶୁଣାଣି ଆସନ୍ତାକାଲି ବନ୍ଦ ରହିବ। ସପ୍ତଦଶ ବିଧାନସଭାର ପ୍ରଥମ ଅଧିବେଶନ ଆସନ୍ତାକାଲିଠାରୁ ଆରମ୍ଭ ହେଉଥିବାରୁ ମୁଖ୍ୟମନ୍ତ୍ରୀଙ୍କ ଅଭିଯୋଗ ଶୁଣାଣି ବନ୍ଦ ରହିବ ବୋଲି ସାଧାରଣ ପ୍ରଶାସନ ଓ ସାଧାରଣ ଅଭିଯୋଗ ବିଭାଗ ପକ୍ଷରୁ ସୂଚନା ଦିଆଯାଇଛି।

## କଂଗ୍ରେସ ନେତା ନିର୍ବାଚନ

କଂଗ୍ରେସ୍ ବିଧାୟକ ଦଳର ନେତା ଚୟନ ହୋଇଛି। ଅଖିଳ ଭାରତୀୟ କଂଗ୍ରେସ କମିଟି ପକ୍ଷରୁ ମିଳିଥିବା ସୂଚନା ଅନୁଯାୟୀ, ରାମଚନ୍ଦ୍ର କାଡାମ କଂଗ୍ରେସ ବିଧାୟକ ଦଳର ନେତା ମନୋନୀତି ହୋଇଥିବାବେଳେ ଅଶୋକ ଦାସ ଦଳର ଉପନେତା ଭାବେ ମନୋନୀତ ହୋଇଛନ୍ତି। ସି ଏସ୍ ରାଜନ ଏକ୍କା କଂଗ୍ରେସର ମୁଖ୍ୟ ସଚେତକ ମନୋନୀତ ହୋଇଥିବା ଜଣାପଡିଛି।

## ବିଜୁ ପଟ୍ଟନାୟକ କ୍ରୀଡ଼ା ପୁରସ୍କାର

‘ବିଜୁ ପଟ୍ଟନାୟକ କ୍ରୀଡ଼ା ପୁରସ୍କାର’ ପୂର୍ବଭଳି ଜାରି ରହିବ ବୋଲି ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ କହିଛନ୍ତି। ଗତକାଲି ବିଜୁ ପଟ୍ଟନାୟକ କ୍ରୀଡ଼ା ପୁରସ୍କାର ନାମ ପରିବର୍ତ୍ତନ ହୋଇଥିବା ବିଷୟ ଗତକାଲି ବିଭିନ୍ନ ଗଣମାଧ୍ୟମରେ ପ୍ରସାରିତ ହେବା ପରେ ଆଜି ମୁଖ୍ୟମନ୍ତ୍ରୀ ଶ୍ରୀ ମାଝୀ ଏହା ସ୍ପଷ୍ଟ କରିଛନ୍ତି। ସେ କହିଛନ୍ତି, ଏହି ପୁରସ୍କାରର ନାମ ପରିବର୍ତ୍ତନ ନେଇ କୌଣସି ବିଧିବଦ୍ଧ ନିଷ୍ପତ୍ତି ଗ୍ରହଣ କରାଯାଇନାହିଁ। ସେ କହିଛନ୍ତି, ରାଜ୍ୟ ସରକାର ଓଡ଼ିଶାର ବରପୁତ୍ରଙ୍କୁ ଯଥୋଚିତ ସମ୍ମାନ ଦିଅନ୍ତି। ବିଜୁ ବାବୁ ନିଜର ଦୀର୍ଘ ଦଶନ୍ଧିର ରାଜନୈତିକ ଓ ସାମାଜିକ ଜୀବନରେ କରିଥିବା ଅବଦାନ ସ୍ମରଣୀୟ ହୋଇ ରହିବ। ବିଜୁ ପଟ୍ଟନାୟକ କ୍ରୀଡ଼ା ପୁରସ୍କାର ପୂର୍ବପରି ଚାଲୁ ରହିବ ବୋଲି ସେ କହିଛନ୍ତି...

**- V/O -**

## କମଳା ପୂଜାରୀ

ପଦ୍ମଶ୍ରୀ କମଳା ପୂଜାରୀଙ୍କ ଆଜି କୋରାପୁଟ ଜିଲ୍ଲାସ୍ଥିତ ଜୟପୁର ବ୍ଲକ୍ ଅନ୍ତର୍ଗତ ପାତ୍ରପୁଟ ଗ୍ରାମରେ ରାଷ୍ଟ୍ରୀୟ ମର୍ଯ୍ୟାଦା ସହ ଶେଷକୃତ୍ୟ ସମ୍ପନ୍ନ ହୋଇଛି। ଅନ୍ତିମ ସଂସ୍କାର ପୂର୍ବରୁ ଗାଁ ଶ୍ମଶାନରେ ତାଙ୍କୁ ଗାର୍ଡ ଅଫ୍ ଅନର ଦିଆଯାଇଥିଲା। ତାଙ୍କ ସାନ ପୁଅ ଟଙ୍କଧର ପୂଜାରୀ ମୁଖାଗ୍ନି ଦେଇଥିଲେ।

ଗତକାଲି ପଦ୍ମଶ୍ରୀ କମଳା ପୂଜାରୀଙ୍କର ୭୬ ବର୍ଷ ବୟସରେ  କଟକ ଏସ୍‌ସିବିରେ ପରଲୋକ ଘଟିଥିଲା। ତାଙ୍କ ପାର୍ଥିବ ଶରୀର ଗ୍ରାମରେ ପହଂଚିବା ପରେ ଶୋକାକୂଳ ପରିବେଶ ସୃଷ୍ଟି ହୋଇଥିଲା। ବହୁ ବିଶିଷ୍ଟ ବ୍ୟକ୍ତିବିଶେଷ ତାଙ୍କ ଶେଷ ଦର୍ଶନ କରିଥିଲେ।

## ଗୁରୁ ପୂର୍ଣ୍ଣିମା

ଜୀବନର ସମସ୍ତ କ୍ଷେତ୍ରରେ ମାର୍ଗଦର୍ଶନ କରୁଥିବା ଗୁରୁମାନଙ୍କ  ଶିକ୍ଷା ଓ ଅଧ୍ୟବସାୟକୁ ସମ୍ମାନ ଜଣାଇ ଆଜି ପାଳିତ ହେଉଛି ପବିତ୍ର ଗୁରୁପୂର୍ଣ୍ଣିମା। ବ୍ୟାସପୂର୍ଣ୍ଣିମା ନାମରେ ପରିଚିତ ଏହି ଦିନରେ ଲୋକମାନେ ଗୁରୁମାନଙ୍କୁ ସ୍ମରଣ କରିବା ସହ ସେମାନଙ୍କ ଗୁରୁତ୍ୱପୂର୍ଣ୍ଣ ଭୂମିକାକୁ କୃତଜ୍ଞତା ଜଣାଇଥାନ୍ତି।

ସାରା ଦେଶରେ ଆଜି ଗୁରୁପୂର୍ଣ୍ଣିମା ପାଳନ ଅବସରରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ଶୁଭେଚ୍ଛା ଜଣାଇଛନ୍ତି। ସାମାଜିକ ଗଣମାଧ୍ୟମ ଏକ୍ସରେ ପ୍ରଧାନମନ୍ତ୍ରୀ କହିଛନ୍ତି, ଆମ ଜୀବନର ସମସ୍ତ କ୍ଷେତ୍ରରେ ଗୁରୁଙ୍କ ମହତ୍ତ୍ୱ ଅତୁଳନୀୟ।

ରାଜ୍ୟପାଳ ରଘୁବର ଦାସ ଗୁରୁପୂର୍ଣ୍ଣିମା ଅବସରରେ ସମସ୍ତଙ୍କ ମଙ୍ଗଳ କାମନା କରିଛନ୍ତି।

ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଗୁରୁପୂର୍ଣ୍ଣିମା ଅବସରରେ ଶୁଭେଚ୍ଛା ଜଣାଇ କହିଛନ୍ତି, ଅଜ୍ଞାନ ରୂପକ ଅନ୍ଧକାରକୁ ଦୂରୀଭୂତ କରି ନିଜର ଜ୍ଞାନର

ଆଲୋକରେ ଆମ ଜୀବନକୁ ସରସ ସୁନ୍ଦର କରିବା ଏବଂ ଏକ ସୁସ୍ଥ ସମାଜ ଗଠନର ମୁଖ୍ୟ ପୁରୋଧା ସାଜିଥିବା ସମସ୍ତ ଜ୍ଞାନଦାତା ଗୁରୁ ଆମର ପ୍ରଣମ୍ୟ।

କେନ୍ଦ୍ର ଶିକ୍ଷାମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ ଗୁରୁପୂର୍ଣ୍ଣିମାର ଶୁଭକାମନା ଜଣାଇଛନ୍ତି। ସାମାଜିକ ଗଣମାଧ୍ୟମ ଏକ୍ସରେ ସେ କହିଛନ୍ତି, ଜ୍ଞାନ, ସଂସ୍କାର ଓ ଗୁଣରେ ଆମ ଜୀବନକୁ ଆଲୋକିତ କରି, ଗୁରୁଜନମାନେ ଆମମାନଙ୍କୁ ସତମାର୍ଗରେ ଚାଲିବାକୁ ପ୍ରେରଣା ଦେଇଥାନ୍ତି। ସେ କହିଛନ୍ତି,ଗୁରୁ-ଶିଷ୍ୟ ପରମ୍ପରା ଭାରତୀୟ ସଭ୍ୟତା ଓ ସଂସ୍କୃତିର ଅଭିନ୍ନ ଅଙ୍ଗ ଅଟେ।

## ଗୁରୁପୂର୍ଣ୍ଣିମା

ସୁବର୍ଣ୍ଣପୁର ଜିଲ୍ଲାର ଅନେକ ସ୍ଥାନରେ ଗୁରୁପୂର୍ଣ୍ଣିମା ପାଳିତ ହୋଇଯାଇଛି। ଜିଲ୍ଲାର ବିଭିନ୍ନ ଶିକ୍ଷାନୁଷ୍ଠାନ, କଳା ଓ ସଙ୍ଗୀତ ଅନୁଷ୍ଠାନ ଗୁଡିକରେ ଗୁରୁପୂଜନ ପର୍ବ ଅନୁଷ୍ଠିତ ହୋଇଛି। ସଂସ୍କାର ଭାରତୀ ସୁବର୍ଣ୍ଣପୁର ଜିଲ୍ଲା ଶାଖା ପକ୍ଷରୁ ଆୟୋଜିତ ଗୁରୁ ପୂର୍ଣ୍ଣିମା ଉତ୍ସବରେ ପଶ୍ଚିମପ୍ରାନ୍ତ ମହାମନ୍ତ୍ରୀ ନାଟ୍ୟଶ୍ରୀ ଗଦାଧର ବାରିକ ଅତିଥି ଭାବେ ଯୋଗଦେଇ ବିଶିଷ୍ଟ ନାଟ୍ୟ ଅଭିନେତା ଓ ଶବ୍ଦନୃତ୍ୟ ଶିଳ୍ପୀ ଗଦାଧର ବରିହାଙ୍କୁ ଗୁରୁଶ୍ରୀ ଉପାଧିରେ ସମ୍ମାନିତ କରିଛନ୍ତି।

## ଅଭୟାରଣ୍ୟ

ଭାରତ ସରକାରଙ୍କ କେନ୍ଦ୍ରୀୟ ବନ୍ୟପ୍ରାଣୀ ସଂସ୍ଥାର ନିର୍ଦ୍ଦେଶ କ୍ରମେ ରାଜ୍ୟର ପୁରୀ ବାଲୁଖଣ୍ଡ ଅଭୟାରଣ୍ୟକୁ ଗଞ୍ଜାମ ଜିଲ୍ଲା ଭଂଜନଗର ସ୍ଥିତ ଦକ୍ଷିଣ ଘୁମୁସର ବନଖଣ୍ଡରୁ ୮ଟି ବିରଳ କୃଷ୍ଣସାର ମୃଗ ନିଆଯିବ । ଏଥିପାଇଁ ପ୍ରସ୍ତୁତି ଆରମ୍ଭ ହୋଇଛି । କୃଷ୍ଣସାରଙ୍କ ରହଣି, ଖାଦ୍ୟପେୟ, ଜଳବାୟୁ ଏବଂ ଚାରଣ ଜମି କିଭଳି ରହିବା ଦରକାର ସେଥି ନେଇ ସ୍ଥିତି ଅନୁଧ୍ୟାନ କରିବାକୁ ଏକ ୪୫ ଜଣିଆ ଟିମ୍ ଦକ୍ଷିଣ ଘୁମୁସର ବନଖଣ୍ଡର ବିଭିନ୍ନ ଅଞ୍ଚଳ ବୁଲି ଦେଖିବା ସହ କୃଷ୍ଣସାର ସୁରକ୍ଷା ସମିତି ସଦସ୍ୟଙ୍କୁ ଭେଟି ଏମାନଙ୍କ ସମ୍ପର୍କରେ ଅଧିକ ତଥ୍ୟ ହାସଲ କରିଛନ୍ତି ।

## ମାଲକାନଗିରି- ବନ୍ୟାଜଳ

ମାଲକାନଗିରି ଜିଲ୍ଲାରେ ଲଗାଣ ବର୍ଷାଯୋଗୁଁ ଜନଜୀବନ ବାଧାପ୍ରାପ୍ତ ହୋଇଛି । ଗତ ୨୪ ଘଣ୍ଟା ମଧ୍ୟରେ ଜିଲ୍ଲାରେ ୬୧ ଦଶମିକ ୯/୭ ମିଲିମିଟର ବର୍ଷା ରେକର୍ଡ କରାଯାଇଛି ।  ଜିଲାର ପାଂଗାମ, ପୋଟେରୁ, ଚାଲାଣଗୁଡ଼ା, ବଣ୍ଡାଘାଟି, ଏମ୍.ଭି.୯୬, ବାୟାପଡା, ବଜାଗୁଡ଼ା, ଏମ୍.ଭି.୩୭ ପୋଲ ଉପରେ ପ୍ରବାହିତ ଜଳ ହ୍ରାସ ପାଇଛି । ତେବେ ଏବେ ମଧ୍ୟ କାଲିମେଳା କନ୍ୟାଶ୍ରମ ପୋଲ ଉପରେ ଜଳ ପ୍ରବାହିତ ହେଉଛି । ଏହା ଧୀରେ ଧୀରେ ହ୍ରାସ ପାଇବାରେ ଲାଗିଛି । କାଲିମେଳା ଏବଂ ପଡିଆ ମଧ୍ୟରେ ସଡକ ଯୋଗାଯୋଗ ବିଚ୍ଛିନ୍ନ ହୋଇଛି । ବିଭିନ୍ନ ସ୍ଥାନରେ କ୍ଷତିଗ୍ରସ୍ତ ହୋଇଥିବା ରାସ୍ତାକୁ ମରାମତି କରିବା ପାଇଁ ପଦକ୍ଷେପ ଗ୍ରହଣ କରାଯାଉଛି । ତଳିଆ

ଅଞ୍ଚଳରେ ବସବାସ କରୁଥିବା ୧୨୧ ଜଣଙ୍କୁ ମାଲକାନଗିରି ଏବଂ କାଲିମେଳାର ଆଶ୍ରୟସ୍ଥଳିକୁ ସ୍ଥାନାନ୍ତରିତ କରାଯାଇଛି। ସେଠାରେ ସେମାନଙ୍କୁ ମାଗଣା ରନ୍ଧନଖାଦ୍ୟ ଯୋଗାଇ ଦିଆଯାଇଛି। ଜିଲ୍ଲାସ୍ତରୀୟ ଅଧିକାରୀମାନେ କ୍ଷେତ୍ର ପରିଦର୍ଶନ କରିବା ସହ ଆବଶ୍ୟକ ସାମଗ୍ରୀ ପ୍ରଭାବିତ ଲୋକଙ୍କୁ ପ୍ରଦାନ କରୁଥିବା ନେଇ ଜିଲ୍ଲାପାଳ ସଚିନ୍ ପାୱାର ସୂଚନା ଦେଇଛନ୍ତି।

## ଦୃଷ୍ଟିବାଧିତ କ୍ରିକେଟର-କ୍ରୀଡାମନ୍ତ୍ରୀ

ରାଜ୍ୟରେ ଦୃଷ୍ଟିବାଧିତ କ୍ରିକେଟ ଖେଳାଳିମାନଙ୍କୁ ପଡିଆ ଯୋଗାଇ ଦିଆଯିବ ବୋଲି କ୍ରୀଡାମନ୍ତ୍ରୀ ସୂର୍ଯ୍ୟବଂଶୀ ସୂରଜ କହିଛନ୍ତି। ସେ କହିଛନ୍ତି, ଦୀର୍ଘ ଦିନ ହେବ ଦୃଷ୍ଟିବାଧିତ କ୍ରିକେଟ ଖେଳାଳିମାନଙ୍କୁ ଅଭ୍ୟାସ ପାଇଁ ପଡିଆ ଯୋଗାଇ ଦିଆଯିବା ନେଇ  ଦାବି ହୋଇଆସୁଥିଲା। ଆଗାମୀ ଦିନରେ କର୍ତ୍ତୃପକ୍ଷଙ୍କ ସହ ଆଲୋଚନା ପରେ ଏ ଦିଗରେ ପଦକ୍ଷେପ ଗ୍ରହଣ କରାଯିବ ବୋଲି ସେ କହିଛନ୍ତି।

## ଫୁଟ୍‌ବଲ୍

ଓଡିଶା ଫୁଟବଲ ସଂଘର ସାଧାରଣ ପରିଷଦ ବୈଠକ ଆଜି ବାରବାଟି ଷ୍ଟାଡିୟମ୍ ସ୍ଥିତ ଓ ସି ଏ ସମ୍ମିଳନୀ କକ୍ଷରେ ଅନୁଷ୍ଠିତ ହୋଇଯାଇଛି। ଏହି ବୈଠକରେ ସଂଘର ଆସନ୍ତା ୪ ବର୍ଷ ପାଇଁ କର୍ମ କର୍ତ୍ତା ମାନଙ୍କ ନିର୍ବାଚନ ଅନୁଷ୍ଠିତ ହୋଇଥିଲା। କୌଣସି ପ୍ରାର୍ଥୀ ପ୍ରତିଦ୍ୱନ୍ଦିତା କରି ନଥିବାରୁ ଆଜିର

ବୈଠକରେ ଔପଚରିକ ଭାବରେ ବିଭିନ୍ନ ପଦ ପଦବୀ ପାଇଁ ବିନା ପ୍ରତିଦ୍ୱନ୍ଦିତା ରେ ପ୍ରାର୍ଥୀଙ୍କ ର ନାମ ଘୋଷଣା କରାଯାଇଥିଲା । ରାଧାରମଣ ସଂଘକୁ ପ୍ରତିନିଧିତ୍ୱ କରୁଥିବା ପୂର୍ବତନ ମନ୍ତ୍ରୀ ତଥା ବିଜେପି ନେତା ସମୀର ଦେ ଆସନ୍ତା ଚାରି ବର୍ଷ ପାଇଁ ସଭାପତି ନିର୍ବାଚିତ ହୋଇଛନ୍ତି । ଏହା ବ୍ୟତୀତ ଶିଖର ମିଶ୍ର ସଂଘର କାର୍ଯ୍ୟକାରୀ ସଭାପତି ଭାବରେ ନିର୍ବାଚିତ ହୋଇଛନ୍ତି । ସଂଘର ସମ୍ପାଦକ ଶ୍ରୀ ଆଶୀର୍ବାଦ ବେହେରା ପୁନର୍ବାର୍ ବିନା ପ୍ରତିଯୋଗିତାରେ ନିର୍ବାଚିତ ହୋଇଥିବାବେଳେ ୮ ଜଣ ଉପ ସଭାପତି ଓ ତିନି ଜଣ ଯୁଗ୍ମ ସମ୍ପାଦକ ଏବଂ ଜଣେ କୋଷାଧ୍ୟକ୍ଷ ନିର୍ବାଚିତ ହୋଇଛନ୍ତି ।

*******************************